ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-29-07/04/21

## ପେନ୍‌ସନ୍ ପାଇନଥିବା ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ପାଇଁ ପେନ୍‌ସନ୍ ଅଦାଲତ

## ଏପ୍ରିଲ୍ ୮ ରୁ ୩୦ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ଅଭିଯୋଗ ଗ୍ରହଣ କରାଯିବ

## ଜୁନ୍ ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି

**ଭୁବନେଶ୍ୱର, ୭/୪/୨୧**

ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ପେନ୍‌ସନ୍ ସମ୍ବନ୍ଧିତ ଅଭିଯୋଗର ତ୍ୱରିତ ବିଚାରପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପେନ୍‌ସନ୍ ଅଦାଲତର ବ୍ୟବସ୍ଥା କରିଛନ୍ତି । କୋଭିଡ୍ ନୀତିନିୟମ ପରିପ୍ରେକ୍ଷୀରେ ଏହି ଅଦାଲତ ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସଞ୍ଜୀବ ଚୋପ୍ରା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅବସର ନେଇଥିବା କର୍ମଚାରୀମାନଙ୍କର ପେନ୍‌ସନ୍ ମଂଜୁରୀ ସମନ୍ୱିତ ଆର୍ଥିକ ପରିଚାଳନା (ଇଣ୍ଟେଗ୍ରେଟେଡ୍ ଫାଇନାନ୍‌ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍) ନାମକ ଅନ୍‌ଲାଇନ୍ ବ୍ୟବସ୍ଥା ଦ୍ୱାରା କରାଯାଉଛି । ଏହା ସତ୍ତ୍ୱେ ମଧ୍ୟ ଛୋଟ ଛୋଟ କାରଣ ପାଇଁ ବିଭିନ୍ନ ସ୍ତରରେ କେତେକ ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀମାନଙ୍କର ପେନ୍‌ସନ୍ କାଗଜ ବିନା ମଂଜୁରୀରେ ପଡ଼ିରହିଥିବାର ସରକାରଙ୍କ ଦୃଷ୍ଟିକୁ ଆସିଛି । ଏସବୁର ଆଶୁ ସମାଧାନ କରି ତୁରନ୍ତ ପେନ୍‌ସନ୍ ମଂଜୁର କରିବା ନିମନ୍ତେ ଏହି ଅନ୍‌ଲାଇନ୍ ପେନ୍‌ସନ୍ ଅଦାଲତର ବ୍ୟବସ୍ଥା କରାଯାଇଛି ।

ଶ୍ରୀ ଚୋପ୍ରା ସ୍ପଷ୍ଟ କରିଥିଲେ ଯେ ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଫୌଜଦାରୀ, ଭିଜିଲାନ୍‌ସ୍ ବା ମେଜର ପେନାଲ୍‌ଟି ପ୍ରୋସିଡ଼ିଂ ନାହିଁ ସେମାନେ ଏହି ପେନ୍‌ସନ୍ ଅଦାଲତରେ ସୁଯୋଗ ନେଇପାରିବେ । ଏଥିପାଇଁ ଚଳିତବର୍ଷ ଏପ୍ରିଲ୍ ୮ ତାରିଖରୁ ୩୦ ତାରିଖ ମଧ୍ୟରେ  ସଂପୃକ୍ତ ଅଧିକାରୀ ଦରଖାସ୍ତ କରିବେ । ଦରଖାସ୍ତ ଏଚ୍.ଆର୍.ଏମ୍.ଏସ୍. ପୋର୍ଟାଲ୍

(http://pension.hrmsodisha.gov.in) ମାଧ୍ୟମରେ ଗ୍ରହଣ କରାଯିବ । ଏହି ସମୟ ମଧ୍ୟରେ ମିଳିଥିବା ଦରଖାସ୍ତ ବାବଦରେ ସ୍ୱୀକୃତିପତ୍ର ଅନ୍‌ଲାଇନ୍‌ରେ ଦରଖାସ୍ତକାରୀଙ୍କୁ ମିଳିବ ।

ସଂପୃକ୍ତ ପେନ୍‌ସନ୍ ମଞ୍ଜୁରକାରୀ କର୍ତ୍ତୃପକ୍ଷ ଚଳିତବର୍ଷ ଜୁନ୍ ୩୦ ତାରିଖ ମଧ୍ୟରେ ସମସ୍ତ ଦରଖାସ୍ତ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତିନେବେ । ନିଷ୍ପତ୍ତି ବାବଦ ସୂଚନା ମଧ୍ୟ ଦରଖାସ୍ତକାରୀଙ୍କୁ ଇମେଲ୍, ଏସ୍.ଏମ୍.ଏସ୍. ବା ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯିବ ।

ଯେଉଁ ଦରଖାସ୍ତ ଗୁଡ଼ିକର ସମାଧାନ ପେନ୍‌ସନ୍ ମଞ୍ଜୁର କର୍ତ୍ତୃପକ୍ଷଙ୍କ ସ୍ତରରେ ହୋଇନପାରିବ ସେ ସେଗୁଡ଼ିକୁ ସଂପୃକ୍ତ ବିଭାଗଙ୍କୁ ପଠାଇଦେବେ । ପରବର୍ତ୍ତୀ ସମୟରେ ଏହି ଅସମାଧିତ ଦରଖାସ୍ତ ଗୁଡ଼ିକର ବିଚାରପାଇଁ ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ଶାସନ ସଚିବଙ୍କ ସ୍ତରରେ ସ୍ୱତନ୍ତ୍ର ଅଦାଲତ ଅନୁଷ୍ଠିତ ହେବ । ଏହି ଅଦାଲତରେ ଶୁଣାଣୀ ତାରିଖ ଓ ନୋଟିସ୍ ଆଦି ମଧ୍ୟ ସଂପୃକ୍ତ କର୍ମଚାରୀଙ୍କୁ ଇମେଲ୍ ବା ଏସ୍.ଏସ୍.ଏସ୍ ମାଧ୍ୟମରେ ଜଣାଇ ଦିଆଯିବ ।

ସମସ୍ତ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ବ୍ୟବସ୍ଥାର ସୁଯୋଗନେଇ ନିଜ ନିଜ ପେନ୍‌ସନ୍ ମଞ୍ଜୁରୀ କାର୍ଯ୍ୟ ଠିକ୍ ଭାବେ କରାଇନେବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଚୋପ୍ରା ଅନୁରୋଧ କରିଛନ୍ତି ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ